# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**11 February – 2025**

## News Editor – Itishree Singh Rathaur

**********************************

## ମୁଖ୍ୟ ସମ୍ବାଦ

- ସାଇବର ଅପରାଧର ଆକାର ଓ ବ୍ୟାପକତାକୁ ବୁଝି ଏହାର ମୁକାବିଲା କରାଯାଇ ପାରିବ; କହିଲେ, ସ୍ୱରାଷ୍ଟ୍ରମନ୍ତ୍ରୀ
- ବିଧାନସଭା ବଜେଟ୍ ଅଧିବେଶନ ପୂର୍ବରୁ ଆସନ୍ତାକାଲି ଅନୁଷ୍ଠିତ ହେବ ସର୍ବଦଳୀୟ ବୈଠକ
- ମହିଳା କମିଶନକୁ କ୍ଷମତାସମ୍ପନ୍ନ କରାଯିବା ନେଇ ସୂଚନା ଦେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା
- ପ୍ରକାଶ ପାଇଲା ଜେଇଇ ମେନ୍ ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଫଳ

ଏବଂ

- ଢେଙ୍କାନାଳର ଯୋରନ୍ଦାଠାରେ ଆରମ୍ଭ ହେଲା ପ୍ରସିଦ୍ଧ ମାଘ ମେଳା

# ଡିଜିଟାଲ ବିପ୍ଳବ

ଭାରତ ଗତ ଦଶନ୍ଧିରେ ଡିଜିଟାଲ୍ ବିପ୍ଳବର ସାକ୍ଷୀ ପାଲଟିଛି। ସାଇବର ଅପରାଧର ଆକାର ଓ ବ୍ୟାପକତାକୁ ବୁଝି ସାଇବର ସୁରକ୍ଷା ଜନିତ ଆହ୍ୱାନଗୁଡ଼ିକର ମୁକାବିଲା କରାଯାଇପାରିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି। ନୂଆଦିଲ୍ଲୀଠାରେ ସାଇବର ସୁରକ୍ଷା ଏବଂ ସାଇବର ଅପରାଧ ପ୍ରସଙ୍ଗରେ ଏକ ସଂସଦୀୟ ପରାମର୍ଶଦାତା କମିଟିର ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଶାହା କହିଛନ୍ତି, ସାଇବର ଅପରାଧକୁ ରୋକିବା ପାଇଁ କେନ୍ଦ୍ର ସରକାର ସମ୍ମେଳନ, ସମନ୍ୱୟ, ଯୋଗାଯୋଗ ଏବଂ ସାମର୍ଥ୍ୟ ରଣନୀତିକୁ ନେଇ କାର୍ଯ୍ୟ କରୁଛନ୍ତି। ଏହି ଅପରାଧକୁ ରୋକିବା ପାଇଁ ଜାଲ୍ ଆକାଉଣ୍ଟଗୁଡ଼ିକୁ ଚିହ୍ନଟ କରିବା ସହ ସେଗୁଡ଼ିକ କାର୍ଯ୍ୟକ୍ଷମ ହେବା ପୂର୍ବରୁ ବନ୍ଦ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର କରାଯିବା ଉପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଦେଶରେ ୯୫ ପ୍ରତିଶତ ଗାଁ ଡିଜିଟାଲ ମାଧ୍ୟମରେ ସଂଯୋଗୀକରଣ ହୋଇଥିବାବେଳେ ୧ ଲକ୍ଷ ଗ୍ରାମରେ ୱାଇ.ଫାଇ ହଟ୍‌ସ୍ପଟ୍ ସୁବିଧା ରହିଛି। ଗତ ୧୦ ବର୍ଷରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ୪ ଦଶମିକ ୫ ଗୁଣ ବୃଦ୍ଧି ପାଇଥିବା ଶ୍ରୀ ଶାହା ବୈଠକରେ କହିଛନ୍ତି।

# ସର୍ବଦଳୀୟ ବୈଠକ

ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତା ଗୁରୁବାରଠାରୁ ଆରମ୍ଭ ହେବ। ଏହା ପୂର୍ବରୁ ଆସନ୍ତାକାଲି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ଗୃହକୁ ସୁରୁଖୁରୁରେ ପରିଚାଳନା ପାଇଁ ବୈଠକରେ ବାଚସ୍ପତି ସୁରମା ପାଢ଼ୀ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଆଲୋଚନା କରିବେ। ୧୭ ତାରିଖରେ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରାଯିବ। ଏହି ଅଧିବେଶନରେ ୨୮ଟି କାର୍ଯ୍ୟଦିବସ ରହିଛି।

## ମହିଳା ଜନଶୁଣାଣି

ଭୁବନେଶ୍ୱର ଲୋକସେବା ଭବନରେ ଆଜି ଜାତୀୟ ମହିଳା କମିଶନ'ର ଅଧ୍ୟକ୍ଷା ବିଜୟା କିଶୋର ରାହତକର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଏହି ସମୟରେ ରାଜ୍ୟରେ ମହିଳା ଓ ଶିଶୁ ବିକାଶ ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ସମ୍ପର୍କରେ ଆଲୋଚନା ହୋଇଛି। ସୂଚନା ଅନୁସାରେ, ଆଜି ଶ୍ରୀମତୀ ରାହତକର, ଭୁବନେଶ୍ୱରସ୍ଥିତ ଏକାମ୍ର ହଲ୍‌ରେ ମହିଳାଙ୍କ ସହ ଜଡିତ ୪୦ଟି ଅଭିଯୋଗର ଶୁଣାଣି କରି ତତ୍କାଳ ସମାଧାନ ପାଇଁ ସୁପାରିଶ କରିଥିଲେ।

## ହେଲ୍‌ଥ କାଉନ୍‌ସେଲିଂ

ମହିଳା କମିଶନକୁ କ୍ଷମତାସମ୍ପନ୍ନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଭୁବନେଶ୍ୱରରେ ରାଜ୍ୟ ମହିଳା କମିଶନର ପ୍ରତିଷ୍ଠା ଦିବସରେ ଯୋଗଦେଇ ଶ୍ରୀମତୀ ପରିଡା କହିଛନ୍ତି, ମହିଳା କମିଶନଙ୍କ କେବଳ ସୁପାରିଶ କରିବା ଅଧିକାର ରହିଛି। ତେବେ କମିଶନକୁ କ୍ଷମତା ଦେବାର ସମୟ ଆସିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଶ୍ରୀମତୀ ପରିଡା କହିଛନ୍ତି, ରାଜ୍ୟ ସରକାର ମହିଳାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ମାନସିକ ଚାପର ସମାଧାନ କରିବା ନେଇ 'ମାନସିକ ସ୍ୱାସ୍ଥ୍ୟ ପରାମର୍ଶ କେନ୍ଦ୍ର' ସ୍ଥାପନ କରିବେ। ମହିଳାଙ୍କର ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆଣିବା, ବିବାହ ବିଚ୍ଛେଦକୁ ହ୍ରାସ କରିବା ଦିଗରେ ଏହି କେନ୍ଦ୍ର କାର୍ଯ୍ୟ କରିବ। ମଦରସ କୋର୍ଟ କିମ୍ବା ମା'ର ଛାଟ ନାମରେ ଏହାକୁ ନାମିତ କରାଯିବ।

## - V/O –

## ଫ୍ଲାଏ ଓଭର ନିର୍ମାଣ

ରାଜଧାନୀ ଭୁବନେଶ୍ୱରରେ ଦେଖାଦେଉଥିବା ଟ୍ରାଫିକ୍ ସମସ୍ୟାକୁ ଦୂର କରିବା ପାଇଁ ଜୟଦେବ ବିହାର ଛକଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ଫ୍ଲାଏ ଓଭର ନିର୍ମାଣ କରାଯିବ ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଖୁବ୍ ଶୀଘ୍ର ଏହାର ବୈଷୟିକ କାର୍ଯ୍ୟ ଆରମ୍ଭ କରାଯିବ। ଜୟଦେବ ବିହାର ଜାତୀୟ ରାଜପଥରେ ଯେଉଁ ଫ୍ଲାଏଓଭର ରହିଛି, ତାହାକୁ ସଂଯୋଗ କରି ୪ଲେନ୍ ବିଶିଷ୍ଟ ଏକ ନୂତନ ଫ୍ଲାଏଓଭର ନନ୍ଦନକାନନ ପର୍ଯ୍ୟନ୍ତ ହେବ। ଏଥିସହିତ ଫ୍ଲାଏଓଭରରୁ ବଡ଼ ଛକକୁ ଯିବା ପାଇଁ ରାସ୍ତା ମଧ୍ୟ ରହିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

## - V/O –

## ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାରେ ବର୍ତ୍ତମାନସୁଦ୍ଧା ୯୮ ଲକ୍ଷ ହିତାଧିକାରୀ ସହାୟତା ରାଶି ପାଇଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଯୋଜନାରୁ ବାଦ୍ ପଡିଥିବା ହିତାଧିକାରୀମାନେ ବ୍ଲକ୍‌କୁ ଯାଇ ସୁଭଦ୍ରା କମିଟି ମାଧ୍ୟମରେ ଆବେଦନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଯେଉଁମାନଙ୍କର ଡିବିଟି ଆକାଉଣ୍ଟ ନାହିଁ ସେମାନେ ବ୍ୟାଙ୍କ ଯାଇ ତୁରନ୍ତ ଅପଡେଟ କରନ୍ତୁ ବୋଲି ଶ୍ରୀମତୀ ପରିଡା କହିଛନ୍ତି।

## ଜେଇଇ ମେନ୍

ଜେଇଇ ମେନ୍'ର ପ୍ରଥମ ପର୍ଯ୍ୟାୟର ପରୀକ୍ଷାଫଳ ଆଜି ପ୍ରକାଶ ପାଇଛି। ମୋଟ୍ ୧୪ ଜଣ ପରୀକ୍ଷାର୍ଥୀ ୧୦୦ ପର୍ସେଣ୍ଟାଇଲ୍ ରଖି କୃତକାର୍ଯ୍ୟ ହୋଇଛନ୍ତି। ୧୪ ଜଣଙ୍କ ମଧ୍ୟରେ ୧୩ ଜଣ ଛାତ୍ର ଓ ଜଣେ ଛାତ୍ରୀ ଅଛନ୍ତି। ସୂଚନାଯୋଗ୍ୟ, ମୋଟ୍ ୧୨ ଲକ୍ଷ ୫୮ ହଜାର ଛାତ୍ରଛାତ୍ରୀ ଜେଇଇ ମେନ୍ ପ୍ରଥମ ପର୍ଯ୍ୟାୟ୍‌ରେ ପରୀକ୍ଷା ଦେଇଥିଲେ। ଛାତ୍ରଛାତ୍ରୀମାନେ ଏନ୍‌ଟିଏର ୱେବ୍‌ସାଇଟ୍ jeemain.nta.nic.inରେ ଅଧିକ ତଥ୍ୟ ପାଇପାରିବେ।

## ଆଇ.ଇ.ଏମ୍.ଏସ୍'ର ସମ୍ପ୍ରସାରଣ

ରାଜ୍ୟରେ ସଡକ ଦୁର୍ଘଟଣା ହ୍ରାସ କରିବା ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯିବ। ବେପରୁଆ ଚାଳକଙ୍କୁ ନିୟନ୍ତ୍ରଣ କରିବା ତଥା ଦୁର୍ଘଟଣା ରୋକିବା ଲାଗି ଆଗାମୀ ଦିନରେ ନୂତନ ରାଜପଥଗୁଡ଼ିକରେ ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ ଇଣ୍ଟେଲିଜେଣ୍ଟ ଏନ୍‌ଫୋର୍ସ୍‌ମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ୍-ଆଇ.ଇ.ଏମ୍.ଏସ୍'ର ସମ୍ପ୍ରସାରଣ କରାଯିବ। ଭୁବନେଶ୍ୱରସ୍ଥିତ ଖାରବେଳ ଭବନରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସଡକ ଦୁର୍ଘଟଣା ହ୍ରାସ ପାଇଁ ଆବଶ୍ୟକୀୟ ପଦକ୍ଷେପ ଉପରେ ବୈଠକରେ ଆଲୋଚନା ସହ ସେ ଦିଗରେ କାର୍ଯ୍ୟ କରିବାକୁ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଦୁର୍ଘଟଣାପ୍ରବଣ ଅଂଚଳ ତଥା ବ୍ଲାକ୍‌ସ୍ପଟ୍ ଚିହ୍ନଟ କରି ଏହାର ସୁଧାର ଦିଗରେ ତ୍ୱରିତ କାର୍ଯ୍ୟ କରାଯିବ। ଏହାସହ ଜନସାଧାରଣଙ୍କୁ ସଚେତନ କରିବା ଓ ପ୍ରତି ମାସରେ ଜାତୀୟ ରାଜପଥ ପ୍ରାଧିକରଣ ଓ ରାଜ୍ୟ ପରିବହନ ପ୍ରାଧିକରଣ ମଧ୍ୟରେ ସମନ୍ୱୟ ବୈଠକ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ହୋଇଛି।

## ଏମଓୟୁ ସ୍ୱାକ୍ଷରିତ

ଶିଶୁଙ୍କ କ୍ଲବ୍ ଫୁଟ୍ ବା ବଙ୍କା ପାଦର ସଫଳ ଚିକିତ୍ସା ପାଇଁ ଆଜି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ଏକ ଘରୋଇ ସଂସ୍ଥା ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହା ଦ୍ୱାରା ଶିଶୁ ପାଦର ଜନ୍ମଗତ ବଙ୍କାପଣ ବିନା ଅସ୍ତ୍ରୋପଚାରରେ ଚିକିତ୍ସା ହୋଇପାରିବ। ନବଜାତ ଶିଶୁଙ୍କୁ ଅଭିଭାବକମାନେ ତୁରନ୍ତ ଏହାର ଚିକିତ୍ସା କରାଇଲେ ଏହା ସମ୍ପୂର୍ଣ୍ଣ ଠିକ୍ ହୋଇପାରିବ ବୋଲି ବିଭାଗୀୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ଏହି ଚିକିତ୍ସା ପାଇଁ ୨୨ ପ୍ରକାର ସ୍ୱତନ୍ତ୍ର ଜୋତା ପ୍ରସ୍ତୁତ କରାଯାଇଛି। ଯାହାକୁ ଶିଶୁମାନେ ରାତିରେ ଶୋଇବାବେଳେ ମଧ୍ୟ ବ୍ୟବହାର କରିପାରିବେ।

ରାଜ୍ୟରେ ବର୍ତ୍ତମାନ ୬ ହଜାର ୪୮୯ ଜଣଙ୍କ ବଙ୍କା ପାଦର ଚିକିତ୍ସା ଚାଲିଛି। ସବୁ ଜିଲ୍ଲାରେ ଏନେଇ ପରାମର୍ଶ କେନ୍ଦ୍ର ପ୍ରତିଷ୍ଠା ସହ ଆଶା ଅଙ୍ଗନଓ୍ୱାଡି କର୍ମୀଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

## ମାଘମେଳା

**ଢେଙ୍କାନାଳ** ଜିଲ୍ଲା ଯୋରନ୍ଦାଠାରେ ଆଜିଠାରୁ ମାଘ ମେଳା ଆରମ୍ଭ ହୋଇଛି । ୩ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ମେଳାରେ ମହିମା ଧର୍ମାବଲମ୍ବୀ, ସାଧୁ ସନ୍ନ୍ୟାସୀ ଏବଂ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଛି। ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ, ବିହାର ଏବଂ ଆସାମ ରାଜ୍ୟରୁ ବହୁ ସଂଖ୍ୟାରେ ମହିମା ଧର୍ମାବଲମ୍ବୀ ମେଳାରେ ଅଂଶ ଗ୍ରହଣ କରିଛନ୍ତି । ୫୦ଟି ମଣ୍ଡପକୁ ନେଇ ଏକ ପଲ୍ଲୀଶ୍ରୀ ମେଳା ଖୋଲାଯାଇଛି। ମହିମା ସନ୍ନ୍ୟାସୀମାନେ ଆଜି ସନ୍ଧ୍ୟାରେ ବିଶ୍ୱ କଲ୍ୟାଣ ପାଇଁ ଘୃତ ପ୍ରଦାନ କରି ଝାଡ଼ଦୀପ ପ୍ରଜ୍ୱଳନ କରିବେ।

## ମାଘମେଳା-୨

ସନ୍ଥକବି ଭୀମ ଭୋଇଙ୍କ ସମାଧିପୀଠ **ସୁବର୍ଣ୍ଣପୁର** ଜିଲ୍ଲାର ମହିମା ଖଲିଆପଲ୍ଲୀଠାରେ ସାଧୁସନ୍ଥମାନଙ୍କର ଉପସ୍ଥିତିରେ ମାଘମେଳା ଆରମ୍ଭ ହୋଇଛି । ସନ୍ଧ୍ୟାରେ ୧୦୮ ଅଖଣ୍ଡ ଝାଡଦୀପ ଲାଗି କରାଯାଇଛି ।

## ଗଜ ଉଦ୍ଧାରଣ ବେଶ

**ପୁରୀ** ଶ୍ରୀମନ୍ଦିରରେ ଆସନ୍ତାକାଲି ଶ୍ରୀଜୀଉମାନଙ୍କର ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହେବ। ଆସନ୍ତାକାଲି ମଧ୍ୟାହ୍ନ ଧୂପ ପରେ ରତ୍ନ ସିଂହାସନରେ ମହାପ୍ରଭୁଙ୍କର ଏହି ବେଶ ହେବ।  ଏହି ଉପଲକ୍ଷେ ଶ୍ରୀମନ୍ଦିରରେ ଆସନ୍ତା ଦୁଇଦିନ ସ୍ୱତନ୍ତ୍ର ନୀତି ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ବର୍ତ୍ତମାନ ଖବର ସଂକ୍ଷିପ୍ତରେ

**କେନ୍ଦ୍ରାପଡା** ଜିଲ୍ଲାରେ ଶ୍ରମିକ ସଚେତନତା ରଥର ଶୁଭାରମ୍ଭ ହୋଇଛି । ଏହି ରଥ ରାଜ୍ୟରେ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବ ।

**କେନ୍ଦ୍ରାପଡ଼ା** ବିଧାନସଭା ନିର୍ବାଚନମଣ୍ଡଳୀର ଉନ୍ନୟନକମଟିଟି ବୈଠକ ଆୟୋଜିତ ହୋଇଛି। ବୈଠକରେ ନିର୍ବାଚନମଣ୍ଡଳୀରେ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ କମିଟିର ସଦସ୍ୟମାନେ ସମୀକ୍ଷା କରିଥିଲେ ।

**ବୌଦ୍ଧ** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଆଇନ୍ ସଚେତନତା ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

**ମାଲକାନଗିରି** ଜିଲ୍ଲା ପରିଷଦ ସମ୍ମିଳନୀକକ୍ଷରେ ସାଇବର ଅପରାଧ ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି । ଏଥିରେ ଇଣ୍ଟରନେଟ୍‌ର ନିରାପଦ ବ୍ୟବହାର ଉପରେ ଆଲୋଚନା ହୋଇଥିଲା ।

## ସଚେତନତା ରଥ

**ନୟାଗଡ଼**ରେ ଆଜି ଶ୍ରମିକ ସଚେତନତା ରଥକୁ ଜିଲ୍ଲାପାଳ ସୁନୀଲ ଅଗ୍ରଓ୍ୱାଲ ଶୁଭାରମ୍ଭ କରିଛନ୍ତି । ଏହି ରଥ ମାସେ ବ୍ୟାପୀ ଜିଲ୍ଲାର ସମସ୍ତ ବ୍ଲକ୍, ଏନ୍‌ଏସି, ଶ୍ରମିକ ହାଟ, ଜନବହୁଳ ସ୍ଥାନ ଓ ନିର୍ମାଣାଧିନ କ୍ଷେତ୍ରଗୁଡ଼ିକରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଇବ ।

## କଂଗ୍ରେସର ସଭାପତି

ରାଜ୍ୟ କଂଗ୍ରେସ୍‌ର ନୂତନ ସଭାପତି ଭାବେ ବରିଷ୍ଠ କଂଗ୍ରେସ ନେତା ଭକ୍ତ ଚରଣ ଦାସଙ୍କୁ ନିଯୁକ୍ତି ମିଳିଛି । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ଅନୁମୋଦନ ପରେ ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିରେ ଭକ୍ତ ଚରଣ ଦାସଙ୍କୁ ନିଯୁକ୍ତି ନେଇ ଉଲ୍ଲେଖ କରାଯାଇଛି ।

## ପାଣିପାଗ

ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ପାରାଦ୍ୱୀପ ଏବଂ ଦାରିଙ୍ଗ୍‌ୱାଡିକୁ ବାଦ୍ ଦେଲେ ରାଜ୍ୟର ଅନ୍ୟ ସମସ୍ତ ପ୍ରମୁଖ୍ ସ୍ଥାନଗୁଡ଼ିକରେ ଆଜି ଦିନର ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀରୁ ଅଧିକ ଥିଲା ।

ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୩୬ ଦଶମିକ ୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବାବେଳେ ଭଦ୍ରକ, ସୋନପୁର, ମାଲକାନଗିରି, ବଲାଙ୍ଗିର, ସମ୍ବଲପୁର, ଭବାନୀପାଟଣା ଓ ଅନୁଗୁଳରେ ତାପମାତ୍ରା ୩୫ ଡିଗ୍ରୀରୁ ଊର୍ଦ୍ଧ୍ୱ ଥିଲା। ସୂଚନା ଅନୁସାରେ, ଆସନ୍ତା ୨-୩ ଦିନ ମଧ୍ୟରେ ରାତ୍ରି ତାପମାତ୍ରା ୨ ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି।

*******************************